# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**26 September – 2025**

**News Editor : Satya Narayan Pattanaik**

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଝାରସୁଗୁଡ଼ା ଗସ୍ତରେ ଆସି କେତେକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଶୁଭାରମ୍ଭ
- ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ପୋଷ୍ଟାଲ ଭୋଟ୍ ସମ୍ପୂର୍ଣ୍ଣ ଗଣନା ପରେ ଇଭିଏମ୍ ଖୋଲାଯିବ
- ରାଜ୍ୟ ସରକାରଙ୍କ ଯୋଜନାର ସୁଯୋଗ ପାଇବା ପାଇଁ ଆରମ୍ଭ ହେଲା 'ଆମ ସାଥି ଏକୀକୃତ ହ୍ୱାଟ୍ସ୍ଆପ୍ ସେବା'

ଏବଂ

- ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଲାଗି ରହିବ ବର୍ଷା

## ପ୍ରଧାନମନ୍ତ୍ରୀ ଗସ୍ତ - ପ୍ରସ୍ତୁତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାଠାରେ ୧ ହଜାର ୭୦୦ କୋଟିରୁ ଅଧିକ ମୂଲ୍ୟର ୩ଟି ପ୍ରମୁଖ ରେଳପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ଶ୍ରୀମୋଦୀ ସେବା ପର୍ବର ଅଂଶବିଶେଷ ଭାବେ ଦେଶର ୮ଟି ଆଇଆଇଟିର ସଂପ୍ରସାରଣ ନେଇ ଘୋଷଣା କରିବା ସହ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ତଥା ସମ୍ବଲପୁରସ୍ଥିତ ଭୀମ୍‌ସାର ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସୁପର ସ୍ପେଶାଲିଟି ସ୍ତରକୁ ଉନ୍ନୀତ କରିବା ପାଇଁ ଘୋଷଣା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାର ହିତାଧିକାରୀଙ୍କୁ ମଧ୍ୟ ଶ୍ରୀ ମୋଦୀ ସହାୟତା ବଣ୍ଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଝାରସୁଗୁଡା ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି ।

## ଇସିଆଇ ପ୍ରୋସେସ୍

ନିର୍ବାଚନରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିବା ଲାଗି ଭାରତର ନିର୍ବାଚନ ଆୟୋଗ ପୋଷ୍ଟାଲ ବାଲାଟ୍ ଗଣନା ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ

ପରିବର୍ତ୍ତନ କରିଛନ୍ତି । ନୂତନ ବ୍ୟବସ୍ଥାରେ, ପୋଷ୍ଟାଲ ବାଲାଟ୍ ଗଣନା ପ୍ରଥମେ ସରିବା ପରେ ଇଭିଏମ ଓ ଭିଭିପାଟ୍ ଗଣନା ଆରମ୍ଭ ହେବ।

ଉଭୟ ଇଭିଏମ୍ ଏବଂ ପୋଷ୍ଟାଲ ବାଲାଟ୍ ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଲାଗି କମିଶନ ଏହି ନିଷ୍ପତ୍ତି ନେଇଛନ୍ତି । କମିଶନ କହିଛନ୍ତି, ସାମ୍ପ୍ରତିକ ନିର୍ବାଚନରେ ପୋଷ୍ଟାଲ ବାଲାଟ୍ ସଂଖ୍ୟା ବୃଦ୍ଧି ପାଇଛି । ଅନ୍ୟପକ୍ଷରେ, ପୋଷ୍ଟାଲ ବାଲାଟ୍ ସଂଖ୍ୟା ଯେଉଁଠାରେ ଅଧିକ ଥିବ ସେଠାରେ ଅତିରିକ୍ତ ଗଣନା ଟେବୁଲ କରିବା ଏବଂ ଅଧିକ କର୍ମଚାରୀ ଯୋଗାଇ ଦେବାଲାଗି କମିଶନଙ୍କ ପକ୍ଷରୁ କୁହାଯାଇଛି।

# ପିଏମ୍-ସେବାପର୍ବ

## Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଶୁଣନ୍ତୁ କେନ୍ଦ୍ର ସରକାର କିପରି ଇଣ୍ଟରନେଟ୍ ବିପ୍ଳବ ଜରିଆରେ ସହର, ଗ୍ରାମାଞ୍ଚଳ ଏବଂ ଦେଶବ୍ୟାପୀ ଲୋକଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି।

ପରବର୍ତ୍ତୀ ପିଢ଼ି ମୋବାଇଲ ସଂଯୋଗର ବେଗ ଏବଂ  ବ୍ରଡବ୍ୟାଣ୍ଡ୍ ବ୍ୟବସ୍ଥା ସବୁଠାରେ ଉପଲବ୍ଧ ହେବା ଦ୍ୱାରା ଦେଶରେ  ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଭାରତନେଟ୍ ପ୍ରକଳ୍ପ ଦ୍ୱାରା ଦେଶର ୨ ଲକ୍ଷ ୧୮ ହଜାର ଗ୍ରାମପଂଚାୟତକୁ ସଂଯୋଗ କରାଯାଇଛି । ୭ ଲକ୍ଷ କିଲୋମିଟର ଅପ୍‌ଟିକାଲ ଫାଇବର କେବୁଲ ଦ୍ୱାରା ଗ୍ରାମପଞ୍ଚାୟତଗୁଡ଼ିକୁ ସଂଯୋଗ କରାଯାଇଛି ।

ଉଚ୍ଚବେଗସମ୍ପନ୍ନ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା ଇ-ପ୍ରଶାସନ, ଶିକ୍ଷା ଏବଂ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ବିଶେଷ  ଲାଭବାନ ହୋଇଛନ୍ତି । ୫ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଅପ୍ଟିକାଲ ଫାଇବର, ଇଣ୍ଟରନେଟ୍ ସେବା ପ୍ରକଳ୍ପକୁ ଉଦ୍‌ଘାଟନ କରି କହିଥିଲେ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଗ୍ରାମାଞ୍ଚଳରେ ଅଧିକ ଇଣ୍ଟରନେଟ୍ ବ୍ୟବହାରକାରୀ ହେବେ । ବର୍ତ୍ତମାନ ଏହା ବାସ୍ତବତାର ରୂପ ନେଇଛି ।

**- V/O -PM**

## Seba Parba Closing

## ହବିଷ୍ୟାଳି ବ୍ରତ

ପୁରୀ ଶ୍ରୀକ୍ଷେତ୍ରରେ ଚଳିତବର୍ଷ ପ୍ରାୟ ୨ହଜାର ୪୦୦ ହବିଷ୍ୟାଳି କାର୍ତ୍ତିକବ୍ରତ ପାଳନ କରିବେ। ନିର୍ଦ୍ଧାରିତ ପୋର୍ଟାଲରେ ଆବେଦନ କରିଥିବା ହବିଷ୍ୟାଳିମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣ  କୌଣସି କାରଣରୁ ବାଦ୍ ପଡିଛନ୍ତି। ଆସନ୍ତା ଅକ୍ଟୋବର ମାସ ୭ ତାରିଖରୁ ହବିଷ ବ୍ରତ ଆରମ୍ଭ ହୋଇ ନଭେମ୍ବର ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ହ୍ୱାଟ୍ସ୍ଆପ୍ ସେବା

ରାଜ୍ୟ ସରକାର ସାଧାରଣ ଲୋକଙ୍କର ସୁବିଧା ପାଇଁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର କରି ସରକାରୀ ଯୋଜନା ସହିତ ଅନ୍ୟ ଦରକାରୀ ସେବା ଉପଲବ୍ଧ କରାଉଛନ୍ତି। ହ୍ୱାଟ୍ସ୍ଆପ୍ ଜରିଆରେ ଜନ୍ମମୃତ୍ୟୁ, ଆଇନ୍‌ଗତ ଉତ୍ତରାଧିକାରୀ, ଆୟ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ, ସରକାରୀ ଯୋଜନା ସମେତ ୧୩୨ଟି ସରକାରୀ ସୁବିଧା ଗୋଟିଏ ଜାଗାରେ ଉପଲବ୍ଧ କରାଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି 'ଆମ ସାଥି ଏକୀକୃତ ହ୍ୱାଟ୍ସ୍ଆପ୍ ସେବା'ର ଶୁଭାରମ୍ଭ କରିଛନ୍ତି।

ହ୍ୱାଟ୍ସ୍ଆପ୍ ନମ୍ବରଟି ହେଲା-୯୪୩୭୨-୯୨-୦୦୦।  ଓଡ଼ିଆ ଭାଷାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହେବ ବୋଲି ସାଧାରଣ ପ୍ରଶାସନ ବିଭାଗର ସଚିବ **ସୁରେନ୍ଦ୍ର କୁମାର** କହିଛନ୍ତି।

**- V/O -(ସୁରେନ୍ଦ୍ର କୁମାର)**

## ବାଲିଯାତ୍ରା - ପ୍ଲଟ୍ ଆବଣ୍ଟନ

କଟକ ଐତିହାସିକ ବାଲିଯାତ୍ରା ପାଇଁ ଆଜିଠାରୁ ପ୍ଲଟ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି । ବାଲିଯାତ୍ରା ପ୍ଲଟ୍ ଆବଣ୍ଟନ ନିଲାମ ମାଧ୍ୟମରେ କରାଯିବ । ଆସନ୍ତା ମାସ ୯ ତାରିଖ ମଧ୍ୟରେ ଆବେଦନ ପତ୍ର ଦାଖଲ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଆବେଦନ ପ୍ରକ୍ରିୟା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ କରାଯାଇପାରିବ। ବାଲିଯାତ୍ରା ୱେବ୍‌ସାଇଟ୍‌ରେ ଅନ୍‌ଲାଇନ୍ ଆବେଦନ ସୁବିଧା ରହିଥିବାବେଳେ ଅଫ୍‌ଲାଇନ୍ ପାଇଁ ଷ୍ଟାଡିୟମ୍ ନିକଟ ବାରବାଟୀ ପ୍ୟାଲେସ୍‌ଠାରେ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ମଧ୍ୟରେ ଆବେଦନ କରାଯାଇପାରିବ। ପଞ୍ଜୀକରଣ ଶେଷ ହେବା ପରେ ଆସନ୍ତା ଅକ୍ଟୋବର ୧୩ ତାରିଖଠାରୁ ନିଲାମ ଦ୍ୱାରା ପ୍ଲଟ ଆବଣ୍ଟନ ଆରମ୍ଭ ହେବ। ପ୍ଲଟ୍ ପିଛା ପ୍ରାରମ୍ଭିକ ପଞ୍ଜୀକରଣ ଲାଗି ୫ ହଜାର ଟଙ୍କା ସ୍ଥିର କରାଯାଇଥିବା କଟକ ଉପଜିଲ୍ଲାପାଳ **ଦିବ୍ୟଲୋଚନ ମହନ୍ତ** କହିଛନ୍ତି...

**- V/O -(ଦିବ୍ୟଲୋଚନ ମହନ୍ତ)**

## ସୁସ୍ଥ ନାରୀ ସଶକ୍ତ ପରିବାର

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।  ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦୧ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମ

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ ଜାରି ରହିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି।

## ସଖୀ ୱାନ ଷ୍ଟପ୍ କେନ୍ଦ୍ର

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସଖୀ ୱାନ୍ ଷ୍ଟପ୍ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ସାମୂହିକ ସଫେଇ କରିଥିଲେ।

## ମିଲେଟ୍ସ କର୍ମଶାଳା

**ନବରଙ୍ଗପୁର** ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ମିଲେଟ୍ସ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଶ୍ରୀଅନ୍ନ ଅଭିଯାନ, ବ୍ଲକ୍ କୃଷି ବିଭାଗ ଓ ମିଶନ ଶକ୍ତି ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନା

**ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍ ପଂଚାୟତ ସମିତି କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଜାତୀୟ ସୁରକ୍ଷା ଖାଦ୍ୟ ଯୋଜନା ଓ ମନରେଗା ନେଇ

ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୫ଟି ଅଭିଯୋଗର ଶୁଣାଣି କରାଯାଇଛି।

## ଆସ ସ୍କୁଲ ଯିବା

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ନଳଗୋହିରା ବିଦ୍ୟାଳୟ କ୍ଲଷ୍ଟରରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ, ସାଧନ କେନ୍ଦ୍ର ଓ ଶିକ୍ଷକଙ୍କ ପ୍ରଚେଷ୍ଟାରେ ଅଧାରୁ ପାଠ ଛାଡୁଥିବା ୯ ଜଣ ପିଲାଙ୍କର ପୁଣି ଥରେ ଚାନ୍ଦାବାଲି ଦାଖା ସରକାରୀ ବିଦ୍ୟାଳୟରେ ନାମ ଲେଖାଯାଇଛି।

## ସଚେତନତା ରଥ

ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଉଦ୍ଦେଶ୍ୟରେ **ନୟାଗଡ଼** ଜିଲ୍ଲା ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ଆସନ୍ତା ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ଏକ ସ୍ୱଚ୍ଛ ସଚେତନତା ରଥ ସମସ୍ତ ୱାର୍ଡ୍ ପରିକ୍ରମା କରିବ। ସ୍ୱଚ୍ଛ ଓ ସୁସ୍ଥ ରଣପୁର ସଂକଳ୍ପ ନେଇ ଏହି ରଥ ନଗରବାସୀଙ୍କୁ ସଚେତନ କରିବ।

# ପରିବେଶ ସ୍ୱାସ୍ଥ୍ୟ ଦିବସ

ନିରନ୍ତର ଜୀବନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ, ସହରୀକରଣ ଆଦି ଦ୍ୱାରା ମାନବ ସ୍ୱାସ୍ଥ୍ୟପ୍ରତି ସୃଷ୍ଟ ବିପଦ ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ

ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି ‘ସ୍ୱଚ୍ଛ ବାୟୁ ସୁସ୍ଥ ମଣିଷ’ ।

## ପାଣିପାଗ

ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ପରେ ଆଜି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଏହା ଆସନ୍ତାକାଲି ସୁଦ୍ଧା ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବ । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।

ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଆଜି **ମାଲକାନଗିରି** ଜିଲ୍ଲାରେ ବଜ୍ରପାତ ସହ ପ୍ରବଳ ବର୍ଷାର ଅନୁମାନ କରାଯାଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି ।

ମହାନଦୀର ଉପରମୁଣ୍ଡରେ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି ।

ଦିନ ୧୨ଟା ସୁଦ୍ଧା ପ୍ରତି ସେକେଣ୍ଡ୍‌ରେ ୩ ଲକ୍ଷ ୧୯ ହଜାର ୯୪୫ କ୍ୟୁସେକ୍ ପାଣି ଜଳଭଣ୍ଡାରକୁ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୩ ଲକ୍ଷ ୫୮ ହଜାର ୬୪ କ୍ୟୁସେକ୍ ଜଳ ମହାନଦୀ ଓ କେନାଲଗୁଡ଼ିକୁ ନିଷ୍କାସିତ କରାଯାଉଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଦଶମିକ ୪/୧ ଫୁଟ ରହିଛି।